# ପ୍ରେମ ବାହିନୀ



ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

ଗୋଟିଏ ପରେ ଗୋଟିଏ ବହିଯାଉଥିବା ପ୍ରତ୍ୟେକଟି ଅବିରତ ସଂଘାତମୟ ଓ କର୍ମମୟ ଦିବସର ସାର୍ଥକ ଓ ଯଥାର୍ଥ ଲକ୍ଷ୍ୟ ହେଲା ଜୀବନର ଶେଷ କେତୋଟି ଦିନକୁ ମଧୁମୟ ଓ ଶାନ୍ତିମୟ କରିବା । ପ୍ରତ୍ୟେକ ଦିନର ଅପରାହ୍ନ ଅଛି । ଦିନଟି ଯଦି ସତ୍‌କର୍ମରେ କାଟିଥାଅ, ତେବେ ରାତିଟା ଗଭୀର ସୁଖନିଦ୍ରାରେ କଟେ, ଆଉ ଏଇ ଶାନ୍ତିମୟ ନିଦ୍ରା ହିଁ ତୁମ ଦେହରେ ଭରିଦିଏ ପରଦିନ ପାଇଁ ନୂତନ ଶକ୍ତି ଓ ନୂତନ ଆନନ୍ଦ । ଗଭୀର ନିଦ୍ରା ଯୋଗ ସମାଧି ଅବସ୍ଥାର ଅତି ନିକଟ ବୋଲି କୁହାଯାଏ ।

ସଂସାରରେ ମଣିଷର ଜୀବନକାଳ ଅତି ଅଳ୍ପ । ମାତ୍ର ଜୀବନର ଏ ସ୍ୱଳ୍ପକାଳ ମଧରେ ବି ମଣିଷ ସମୟକୁ ଯତ୍ନ ଓ ବିଜ୍ଞତାର ସହ ସଦ୍‌ବ୍ୟବହାର କରି ପାରିଲେ ସେ ଦିବ୍ୟ ପ୍ରଶାନ୍ତି ପାଇପାରିବ । ଚେହେରା ସମାନ ଥିବା ଦୁଇଜଣ ବ୍ୟକ୍ତି ସମାନ ଅବସ୍ଥାରେ ବଢ଼ିଉଠିଲେ ବି ଜଣେ ଦେବପୁରୁଷ ହେଲେ ଅନ୍ୟ ଜଣେ ରାକ୍ଷସ ହୋଇଯାଇପାରେ । ଉଭୟଙ୍କ ଶରୀରର ଉପାଦାନ ସମାନ ଥିଲେ ମଧ୍ୟ ପରିଣାମରେ ସେମାନଙ୍କ ପ୍ରକୃତିରେ ଏତେ ପାର୍ଥକ୍ୟ ରହିବାର କାରଣ କ'ଣ ? ତା'ର କାରଣ ଅଭ୍ୟାସ; ଏଇ ଅଭ୍ୟାସରୁ ଜାତ ହୁଏ ଆଚରଣ ଏବଂ ଆଚରଣ ଘନୀଭୂତ ହେଲେ ଗଢ଼ା ହୁଏ ଚରିତ୍ର । ମଣିଷ ନିଜ ଚରିତ୍ରରୁ ହିଁ ସଂଜାତ ଏକ ପ୍ରାଣୀ ।

## ମଣିଷ ଜୀବନର ପ୍ରକୃତ ସ୍ୱଭାବ

ଅଗଭୀର ଦୃଷ୍ଟିରେ ଦେଖିଲେ ବୋଧ ହେବ ମଣିଷ ଜୀବନ ଖାଇବା, ପିଇବା, କାମ କରିବା ଓ ନିଦ୍ରା ଯିବାର ଏକ ଧରାବନ୍ଧା ପୁନରାବୃତ୍ତି ମାତ୍ର । କିନ୍ତୁ ଜୀବନର ଏକ ଗଭୀର ଅର୍ଥ ଓ ତାତ୍ପର୍ଯ୍ୟ ରହିଛି । ଜୀବନ ଏକ ଯଜ୍ଞ । ଏଣୁ ମଣିଷର ପ୍ରତ୍ୟେକ ଛୋଟ ଛୋଟ କର୍ମ ଈଶ୍ୱରଙ୍କ ପାଇଁ ଗୋଟିଏ ଗୋଟିଏ ଆହୁତି ହେବା ଉଚିତ । ଯଦି ଏହିପରି ଛୋଟ ଛୋଟ କର୍ମ ସମୂହର ନୈବେଦ୍ୟ ରୂପେ ସାରା ଦିନଟି ଈଶ୍ୱରଙ୍କୁ ନିବେଦନ କରିପାର, ତେବେ ରାତ୍ରିର ବିଶ୍ରାମ ଯୋଗସମାଧି ଛଡ଼ା ଆଉ କ'ଣ ହୋଇପାରେ ?

ମଣିଷ ନିଜକୁ ଏ ଶରୀର ସହ ଅଭିନ୍ନ ମନେକରି ସବୁଠାରୁ ଗୁରୁତର ଭୁଲ କରିଥାଏ । ଏ ଦେହର ଲାଳନପାଳନ ଓ ଆରାମ ନିମନ୍ତେ ସେ ଅନେକ କିଛି ବସ୍ତୁ ସଂଗ୍ରହ କରେ । ବୟସ ଖସିଲେ ଦେହ ଯେତେବେଳେ ଦୁର୍ବଳ ଓ ଅକ୍ଷମ ହୋଇଯାଏ, ସେତେବେଳେ ମଧ୍ୟ ଦେହକୁ ଆଉ କିଛିଦିନ ଭୋଗ କରିବାକୁ ମଣିଷ ବହୁ ଉଦ୍ୟମ କରେ । ମାତ୍ର ମୃତ୍ୟୁକୁ କେତେଦିନ ଘୁଞ୍ଚାଇ ପାରିବ ? ଯମର ଡାକରା ଆସିଲେ ପ୍ରତ୍ୟେକ ଲୋକକୁ ଯିବାକୁ ହିଁ ପଡ଼ିବ । ମୃତ୍ୟୁ ଆଗରେ ତୁମର ପ୍ରତିଷ୍ଠା, ଅହଂକାର ଓ ଶକ୍ତି ସବୁ କୁଆଡ଼େ ଉଭେଇଯାଏ । ଏହା ଉପଲବ୍ଧି କରି ଦେହ, ମନ ଓ ଆତ୍ମାର ପବିତ୍ରତା

Scanned by TapScanner

ସହ ପ୍ରାଣୀମାନଙ୍କର ସେବା କରି ପରମାତ୍ମାଙ୍କୁ ଲାଭ କରିବା ନିମନ୍ତେ ଦିନରାତି ଅବିରତ ଉଦ୍ୟମ କର । ଏହି ସେବାର ନିମିତ୍ତ ଭାବରେ ଶରୀରକୁ ସାଇତି ରଖିବାକୁ ପଡ଼ିବ । ମାତ୍ର ମନେରଖ, ଏ ଦେହ ତୁମର ସ୍ୱରୂପ ନୁହେଁ । 'ତତ୍ ତ୍ୱମ୍ ଅସି ।' ତୁମେ ସେହି ପରଂବ୍ରହ୍ମ । ଏହା ହିଁ ପରମ ପବିତ୍ର ମହାବାକ୍ୟ । ତୁମେ ଦେହ ଧାରଣ କରିଛ । ତେଣୁ ଏଇ ଜନ୍ମରେ ପରମେଶ୍ୱରଙ୍କୁ ଉପଲବ୍ଧି କରିବାର ସାଧନାରେ ଯେ କୌଣସି ମୁହୂର୍ତ୍ତରେ ଦେହକୁ ଆହୁତି ଦେବାକୁ ସର୍ବଦା ପ୍ରସ୍ତୁତ ରହ । ନିଜ ଶରୀର ଉପରେ ନିଜର ଅଧିକାରକୁ ଜଗତର ମଙ୍ଗଳ ନିମନ୍ତେ ବ୍ୟବହାର କର । ଦେହ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଏକ ଯନ୍ତ୍ର ମାତ୍ର । ତେଣୁ ଏହି ଯନ୍ତ୍ରକୁ ଯନ୍ତ୍ରର କାମ ହିଁ କରିବାକୁ ଦିଅ ।

Scanned by TapScanner